# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 26th June - 2025

**********************************

## ମୁଖ୍ୟ ସମ୍ବାଦ

- ଭକ୍ତ ଓ ଭଗବାନ୍‌ଙ୍କ ଅଭୁତ ମିଳନର ପର୍ବ ବିଶ୍ୱପ୍ରସିଦ୍ଧ ରଥଯାତ୍ରାପାଇଁ ରଥ-ପଥ ପ୍ରସ୍ତୁତ ।

— ପୁରୀରେ ଆସନ୍ତାକାଲି ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି କଡ଼ା ସୁରକ୍ଷା ବ୍ୟବସ୍ଥା ।

— ଦକ୍ଷିଣମୋଡ଼ରେ ସିଂହଦ୍ୱାର ଅଭିମୁଖେ ତିନିରଥ ।

- ଆନ୍ତର୍ଜାତିକ ମହାକାଶ କେନ୍ଦ୍ରରେ ପହଞ୍ଚିଲେ ଭାରତର ଶୁଭାଂଶୁ ଶୁକ୍ଲାଙ୍କ ସମେତ ୪ ଜଣ ମହାକାଶଚାରୀ ।

- ଗୋପାଳପୁର ବନ୍ଦରର ଉନ୍ନତୀକରଣ ଓ ଜଟାଧାର ମୁହାଣରେ ଜେଟି ନିର୍ମାଣପାଇଁ ଚୁକ୍ତିନାମା ସ୍ୱାକ୍ଷରିତ ।

ଏବଂ

- ନିଶା ନିବାରଣ ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ପାଳନ କରାଯାଉଛି ବେଆଇନ ନିଶା କାରବାର ବିରୋଧୀ ଦିବସ ।

# ନବଯୌବନ ଦର୍ଶନ

ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ପାଇଁ ରଥ-ପଥ-ଭକ୍ତ ପ୍ରସ୍ତୁତ । ଶ୍ରୀଜିଉମାନଙ୍କ ଦିବ୍ୟଦର୍ଶନପାଇଁ ଶ୍ରଦ୍ଧାଳୁମାନେ ଅପେକ୍ଷା କରିଛନ୍ତି । ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ରଥଯାତ୍ରାର ସୁପରିଚାଳନାପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ରାତି ପାହିଲେ ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଭାଇ ଶ୍ରୀବଳଭଦ୍ର, ଭଉଣୀ ସୁଭଦ୍ରାଙ୍କ ସହ ରତ୍ନବେଦୀରୁ ଜନ୍ମବେଦୀକୁ ନବଦିନାତ୍ମକ ଯାତ୍ରାରେ ବାହାରିବେ । ଏହାପୂର୍ବରୁ ଆଜି ଆଷାଢ଼ ଶୁକ୍ଳ ପ୍ରତିପଦା ତିଥିରେ ମହାପ୍ରଭୁ ନବଯୌବନ ବେଶରେ ସଜ୍ଜିତ ହେବା ସହ ନେତ୍ରୋତ୍ସବରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି । ରଥଯାତ୍ରା ପୂର୍ବରୁ ଆଜ୍ଞାମାଳ ବିଜେ ପରେ ଦକ୍ଷିଣ ମୋଡ଼ ହୋଇ ତିନି ରଥ ସିଂହଦ୍ୱାର ଅଭିମୁଖେ ଯାତ୍ରା କରିଛନ୍ତି । ଏ ସମ୍ପର୍କରେ ଶୁଣନ୍ତୁ ଏକ ସ୍ୱତନ୍ତ୍ର ରିପୋର୍ଟ :

*ପରମ୍ପରା ଅନୁଯାୟୀ, ୧୫ ଦିନର ଅଣସର ପରେ ଶ୍ରୀଜୀଉମାନଙ୍କ ନବଯୌବନ ଦର୍ଶନ କରି ଆଜି ଶ୍ରଦ୍ଧାଳୁମାନେ ଭାବବିହ୍ୱଳ ହୋଇପଡ଼ିଛନ୍ତି । ବଡ଼ଦାଣ୍ଡରେ ଶ୍ରଦ୍ଧାଳୁଙ୍କ ଗହଳି ବଢ଼ିବା ସହ ଶ୍ରୀକ୍ଷେତ୍ର ଲୋକାରଣ୍ୟ ହେବାରେ ଲାଗିଛି । ରାଜ୍ୟ ଏବଂ ରାଜ୍ୟ ବାହାରୁ ଶ୍ରଦ୍ଧାଳୁମାନେ ଶ୍ରୀକ୍ଷେତ୍ରମୁହାଁ ହୋଇଛନ୍ତି । ରଥାରୁଢ଼ ମହାପ୍ରଭୁଙ୍କୁ ବାମନ ରୂପରେ ଦର୍ଶନ କଲେ କୋଟିଜନ୍ମର ପାପକ୍ଷୟ ହୁଏ ବୋଲି ବିଶ୍ୱାସ ରହିଛି । ଚଳିତବର୍ଷ ରଥଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ଆୟୋଜନ କରିବାପାଇଁ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି । ଶ୍ରୀମନ୍ଦିର ପ୍ରଶାସନ*

ପକ୍ଷରୁ ପହଣ୍ଡିରୁ ରଥଟଣା ପର୍ଯ୍ୟନ୍ତ ଆସନ୍ତାକାଲିପାଇଁ ସମସ୍ତ ନୀତିନିର୍ଘଣ୍ଟ ସ୍ଥିର କରାଯାଇଛି । ସକାଳ ୬ଟାରେ ମଙ୍ଗଳ ଆଳତି, ସାଢ଼େ ୬ଟାରେ ତଡ଼ପଲାଗି, ସାଢ଼େ ୭ଟାରେ ଦ୍ୱାରପାଳ ପୂଜା, ୯ଟାରେ ତିନିରଥକୁ ପ୍ରତିଷ୍ଠା କରାଯିବା ପରେ ସାଢ଼େ ୯ଟାରୁ ଠାକୁରଙ୍କର ଗୋଟି ପହଣ୍ଡି ଆରମ୍ଭ ହେବ। ମଧ୍ୟାହ୍ନ ସାଢ଼େ ୧୨ଟା ସୁଦ୍ଧା ପହଣ୍ଡି ଶେଷ କରାଯାଇ ଗୋଟାଏ ମଧ୍ୟରେ ଶ୍ରୀଶ୍ରୀମଦନମୋହନ, ଶ୍ରୀରାମ ଏବଂ ଶ୍ରୀକୃଷ୍ଣ ବିଜେ କରିବେ । ଅପରାହ୍ଣ ସାଢ଼େ ୨ଟାରୁ ସାଢ଼େ ୩ଟା ମଧ୍ୟରେ ଗଜପତି ମହାରାଜ ଦିବ୍ୟସିଂହ ଦେବ ତିନିରଥରେ ଛେରାପହଁରା କରିବାକୁ ନୀତି ନିର୍ଘଣ୍ଟ ହୋଇଛି । ଅପରାହ୍ଣ ୪ଟାରେ ଚାରମାଳ ଫିଟା, ଘୋଡ଼ା ଏବଂ ସାରଥୀ ଯୋଚାଯାଇ ମହାପ୍ରଭୁଙ୍କ ରଥଟଣା ଆରମ୍ଭ ହେବ ।

ରଥଯାତ୍ରାପାଇଁ ପୂର୍ବତଟ ରେଳବାଇ ପକ୍ଷରୁ ୩୬୫ଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରୁଛି । ପ୍ରତ୍ୟେକ ଜିଲ୍ଲାରୁ ପୁରୀକୁ ପରିବହନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ବସ୍‌ସେବା ସହିତ ୨୦୦ ଅଟୋରିକ୍ସା ଶ୍ରଦ୍ଧାଳୁଙ୍କୁ ମାଗଣା ସେବା ଯୋଗାଇ ଦେବାପାଇଁ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି । ରଥଯାତ୍ରାପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୩୮୭ ଜଣ ଡାକ୍ତର, ପାରାମେଡିକାଲ୍ ଷ୍ଟାଫ୍‌ଙ୍କୁ ନିୟୋଜିତ କରାଯାଇଛି । ଚଳିତ ବର୍ଷ ପୁଲିସ୍ ବ୍ୟବସ୍ଥାକୁ ୮ ଭାଗରେ ବିଭକ୍ତ କରାଯାଇଛି । ୨୧ ଆଇ.ପି.ଏସ୍., ୧୨ଶହ ଅଫିସରଙ୍କ ସମେତ ୨୦୫ ପ୍ଲାଟୁନ୍ ପୁଲିସ୍ ଫୋର୍ସର ବ୍ୟବସ୍ଥା କରାଯାଇଛି । ଏହାସହ ପୁରୀ ସହରକୁ ୨୭୫ଟି ଏ.ଆଇ. କ୍ୟାମେରା ନଜରରେ ରଖାଯାଇଛି । ରଥଯାତ୍ରାପାଇଁ ସଂସ୍କୃତି ଓ ଆଧ୍ୟାତ୍ମିକସମ୍ପନ୍ନ ସହର ପୁରୀ ଘଣ୍ଟଘଣ୍ଟା, ଖୋଳତାଳ ଏବଂ 'ଜୟ

*ଜଗନ୍ନାଥ’ ଧ୍ୱନିରେ ପ୍ରକମ୍ପିତ ହେଉଛି । ଭକ୍ତ ଓ ଭଗବାନ୍‌ଙ୍କ ଏହି ଅପୂର୍ବ ମିଳନ ଏକ ନିଆରା ଭକ୍ତିମୟ ପରିବେଶ ସୃଷ୍ଟି କରିଛି ।*

*ଆକାଶବାଣୀ କଟକ ସମ୍ବାଦ ବିଭାଗ ପାଇଁ ମୁଁ ସ୍ମୃତିରେଖା ତାରେଣିଆ*

***Desk***

## ଶୁଭାଂଶୁ ଶୁକ୍ଳା

ଆମେରିକାର ଫ୍ଲୋରିଡାସ୍ଥିତ ‘ନାସା’ର କେନେଡ଼ି ମହାକାଶ କେନ୍ଦ୍ରରୁ ଗତକାଲି ଅକ୍ସିଓମ୍-୪ ମିଶନରେ ମହାକାଶକୁ ଯାତ୍ରା କରିଥିବା ଭାରତୀୟ ମହାକାଶଚାରୀ କ୍ୟାପ୍‌ଟେନ୍ ଶୁଭାଂଶୁ ଶୁକ୍ଳାଙ୍କ ସମେତ ଚାରି ଜଣ ଆନ୍ତର୍ଜାତିକ ମହାକାଶ କେନ୍ଦ୍ରରେ ପହଞ୍ଚିଛନ୍ତି । ଆଜି ପ୍ରାୟ ଅଢ଼େଇ ଘଣ୍ଟାର ଡକିଂ ପରେ ମହାକାଶଚାରୀମାନେ ମହାକାଶ କେନ୍ଦ୍ରରେ ପହଞ୍ଚିଛନ୍ତି । ୱିଙ୍ଗ୍ କମାଣ୍ଡର ରାକେଶ ଶର୍ମାଙ୍କ ପରେ କ୍ୟାପଟେନ୍ ଶୁଭାଂଶୁ ଶୁକ୍ଳା ମହାକାଶକୁ ଯାତ୍ରା କରିଥିବା ଦ୍ୱିତୀୟ ଭାରତୀୟ ।

***BBSR/R***

## ମୁଖ୍ୟମନ୍ତ୍ରୀ - ବନ୍ଦର ଚୁକ୍ତିନାମା

ରାଜ୍ୟର ବିଭିନ୍ନ ସ୍ଥାନରେ ବନ୍ଦର, ଜେଟି ଓ ଅନ୍ୟାନ୍ୟ ଭିତ୍ତିଭୂମି ସ୍ଥାପନ କରି ସାମୁଦ୍ରିକ ବାଣିଜ୍ୟର ବିକାଶ ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଭୁବନେଶ୍ୱର

ଲୋକସେବା ଭବନରେ ଆଜି ଗୋପାଳପୁର ବନ୍ଦର ଉନ୍ନତୀକରଣ ଏବଂ ଜଟାଧାର ମୁହାଣରେ ଜେଟି ନିର୍ମାଣ ପାଇଁ ରିହାତି ଚୁକ୍ତିନାମା ସ୍ୱାକ୍ଷରିତ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ସାମୁଦ୍ରିକ ବାଣିଜ୍ୟର ବିକାଶପାଇଁ ଆଗାମୀ ଦିନରେ ଘରୋଇ କମ୍ପାନୀ ସହ ସହଭାଗିତା ଭିତ୍ତିରେ କାର୍ଯ୍ୟ କରାଯିବାର ଲକ୍ଷ୍ୟ ରଖାଯାଇଛି । ସୁବର୍ଣ୍ଣରେଖା ଓ ଅସ୍ତରଙ୍ଗ ବନ୍ଦରର ବିକାଶପାଇଁ ଯୋଜନା ରହିଥିବାବେଳେ ଇଞ୍ଚୁଡ଼ି ଓ ବାହୁଡ଼ାଠାରେ ଦୁଇଟି ନୂତନ ବନ୍ଦର ନିର୍ମାଣ କରାଯିବ । ଜଟାଧାର ମୁହାଣରେ କ୍ୟାପ୍‌ଟିଭ୍ ଜେଟି ନିର୍ମାଣପାଇଁ ଜେ.ଏସ୍.ଡବ୍ଲ୍ୟୁ. ଉତ୍କଳ ଷ୍ଟିଲ୍ ଲିମିଟେଡ୍ ସହିତ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ପ୍ରାରମ୍ଭିକ ସ୍ତରରେ ୨ ହଜାର ୧୦୦ କୋଟି ଟଙ୍କାର ପୁଞ୍ଜିନିବେଶ କରାଯିବ । ଏହାଦ୍ୱାରା ୩ ହଜାର ୪୫୦ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ । ସେହିଭଳି ୧୬ ହଜାର ୫୫୪ କୋଟି ଟଙ୍କା ପୁଞ୍ଜିନିବେଶ କରି ଗୋପାଳପୁର ବନ୍ଦର ସମ୍ପ୍ରସାରଣ ଓ ଉନ୍ନତୀକରଣ ପାଇଁ ଗୋପାଳପୁର ପୋର୍ଟସ୍ ଲିମିଟେଡ୍ ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ରିହାତି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି ।

***BBSR/R***

# ମେଡିକାଲ୍ କଲେଜ

ରାଜଧାନୀ ଭୁବନେଶ୍ୱରର ଜନସାଧାରଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବାପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ

ମହାଲିଙ୍ଗ କହିଛନ୍ତି । ଭୁବନେଶ୍ୱରସ୍ଥିତ କ୍ୟାପିଟାଲ୍ ହସ୍ପିଟାଲ୍‌ରେ ଆଜି ନୂତନ ଅଟ୍ଟାଳିକା ନିର୍ମାଣର ସ୍ଥିତି ଓ ଅଗ୍ରଗତିର ସ୍ୱାସ୍ଥ୍ୟମନ୍ତ୍ରୀ ସମୀକ୍ଷା କରିଛନ୍ତି । ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି :

***Voice (Mahaling)*** :.......

***Desk, BBSR, Sambalpur, Khurda, Rayagada, Kendrapara, Bhadark, Deogarh, Gajapati, Jajpur, Koraput/R***

# ନିଶା ନିବାରଣ ଦିବସ

ନିଶା ନିବାରଣ ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ଅନ୍ତର୍ଜାତୀୟ ବେଆଇନ ନିଶାଦ୍ରବ୍ୟ କାରବାର ବିରୋଧୀ ଦିବସ ପାଳନ କରାଯାଉଛି । ନିଶାସେବନ ଏବଂ ନିଶା ଔଷଧର ଅବୈଧ କାରବାରର କୁପ୍ରଭାବର ପରିଣାମ ବିଷୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ୧୯୮୯ ମସିହାଠାରୁ ଅନ୍ତର୍ଜାତୀୟସ୍ତରରେ ଏହି ଦିବସ ପାଳନ କରାଯାଉଛି। ନିଶା ନିବାରଣ ନିମନ୍ତେ ରାଜ୍ୟ ସରକାର ଦିଶା ଯୋଜନା ମାଧ୍ୟମରେ ୧୧ଟି ନିଶାମୁକ୍ତି କେନ୍ଦ୍ର ପ୍ରତିଷ୍ଠା କରିଛନ୍ତି।

ରାଜ୍ୟର ବିଭିନ୍ନ ସ୍ଥାନରେ ବେଆଇନ ନିଶାଦ୍ରବ୍ୟ କାରବାର ଉପରେ ସଚେତନତା ସୃଷ୍ଟିପାଇଁ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଯାଇଛି । ଭୁବନେଶ୍ୱର ଲୋକସେବା ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ନିଶାଦ୍ରବ୍ୟର ବ୍ୟବହାର

ବିରୋଧରେ ବ୍ୟାପକ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଛନ୍ତି । ଅବକାରୀ ବିଭାଗ ପକ୍ଷରୁ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ଠାରୁ ଜନତା ମଇଦାନ ପର୍ଯ୍ୟନ୍ତ ଏକ ୱାକାଥନ୍ କରାଯାଇଥିଲା । ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି, ଯୁବବର୍ଗଙ୍କୁ ବେଆଇନ ମାଦକଦ୍ରବ୍ୟ ସେବନରୁ ଦୂରେଇ ରଖି ଏକ ସୁସ୍ଥ ସମାଜ ଗଠନ କରିବା ସମସ୍ତଙ୍କର ଲକ୍ଷ୍ୟ ହେବା ଉଚିତ । ବର୍ଷବ୍ୟାପୀ ଏହି ସଚେତନତା କାର୍ଯ୍ୟକ୍ରମ ଜାରି ରହିବ ବୋଲି ମନ୍ତ୍ରୀ କହିଛନ୍ତି ।

ସମ୍ବଲପୁର ଜିଲ୍ଲା ପ୍ରଶାସନ, ଅବକାରୀ ଓ ସାମାଜିକ ସୁରକ୍ଷା ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ କଚେରି ଛକଠାରୁ ଏକ ଚସେତନତା ର୍‍ୟାଲି ବାହାରି ସହର ପରିକ୍ରମା କରିଥିଲା ।

ଖୋର୍ଦ୍ଧା ଜିଲ୍ଲା ସଦର ମହକୁମାଠାରେ ନିଶା ଅପବ୍ୟବହାର ଓ ଅନୈତିକ କାରବାର ବିରୋଧରେ ଏକ ସଚେତନତା ର୍‍ୟାଲି ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଆୟୋଜିତ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ରାୟଗଡ଼ା ଜିଲ୍ଲାସ୍ତରୀୟ ନିଶାଦ୍ରବ୍ୟ ଅପବ୍ୟବହାର ବିରୋଧରେ ଏକ ସଚେତନତା ର୍‍ୟାଲି ସହର ପରିକ୍ରମା କରିବା ସହିତ ସଂସ୍କୃତି ଭବନଠାରେ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି ।

କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରୁ ସଚେତନତା ରଥ ବାହାରି ସହର ପରିକ୍ରମା କରିଥିଲା । ସ୍ଥାନୀୟ ମ୍ୟୁନିସିପାଲିଟି ଟାଉନ୍ ହଲ୍‌ଠାରେ

ଆୟୋଜିତ ସଭାରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ଅଙ୍ଗନୱାଡ଼ି କର୍ମୀ ଯୋଗ ଦେଇଥିଲେ ।

ଭଦ୍ରକ ଜିଲ୍ଲା ସଂସ୍କୃତି ଭବନଠାରେ ଅବକାରୀ ଓ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଏହି ଅବସରରେ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା ।

ଦେବଗଡ଼ ଜିଲ୍ଲାରେ ଏହି ଅବସରରେ ଏକ ସଚେତନତା ରଥ ସହର ପରିକ୍ରମା କରିବା ସହିତ ନିଶାଦ୍ରବ୍ୟର ଦୁରୁପଯୋଗ ଓ ଅବୈଧ କାରବାର ସମ୍ପର୍କରେ ଛାତ୍ରଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା ।

ଗଜପତି ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ କାଶୀନଗର ବ୍ଲକ୍ ଅନ୍ତର୍ଗତ ଖାରାଡ଼ା ଗ୍ରାମ ବି.ଏମ୍. ହାଇସ୍କୁଲ୍ଠାରେ ଏହି ଅବସରରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଆଇନସେବା ପ୍ରାଧିକରଣ ସଚିବ ବିମଳ ରାଉଳ ଏଥିରେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଦିବସ ପାଳନ ସମ୍ପର୍କରେ ଅବଗତ କରାଇଥିଲେ ।

ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ସମାଜିକ ସୁରକ୍ଷା ବିଭାଗ ଓ ଅବକାରୀ ବିଭାଗର ମିଳିତ ଆନୁକୂଲ୍ୟରେ ନିଶା ନିବାରଣ ଓ ଅବୈଧ କାରବାର ସଚେତନତା କାର୍ଯ୍ୟକ୍ରମରେ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ଯୋଗଦେଇ ନିଶାଦ୍ରବ୍ୟଠାରୁ ଦୂରେଇ ରହି ଏକ ଶୃଙ୍ଖଳିତ ଜୀବନଚର୍ଯ୍ୟାକୁ ଗ୍ରହଣ କରିବାପାଇଁ ନିବେଦନ କରିଥିଲେ ।

କୋରାପୁଟ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଏବଂ ଅବକାରୀ ବିଭାଗର ମିଳିତ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ

ଜିଲ୍ଲାପାଳ ଭି. କିର୍ତ୍ତି ଓ୍ୱାସନ ଯୋଗଦେଇଥିଲେ । ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ଜିଲ୍ଲାସ୍ତରୀୟ କର୍ମଚାରୀମାନେ ଶୋଭାଯାତ୍ରା ଭାଗ ନେଇଥିଲେ ।

***Deogarh/R***

## ରେଡ୍‌କ୍ରସ ସମୀକ୍ଷା ବୈଠକ

ଦେବଗଡ଼ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ରେଡ୍‌କ୍ରସ ସୋସାଇଟିର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜରୁରୀକାଳୀନ ପରିସ୍ଥିତିରେ ଅସହାୟ ଓ ଗରିବ ଲୋକମାନଙ୍କୁ ସହାୟତା ଯୋଗାଇଦେବାପାଇଁ ରେଡ୍‌କ୍ରସ୍ ପାଣ୍ଠିର ଅଭିବୃଦ୍ଧି ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ଜରୁରୀକାଳୀନ ଅଧିକାରୀଙ୍କ ସମେତ ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।

***Met. O.***

## ପାଣିପାଗ

ଉତ୍ତର-ପଶ୍ଚିମ ବଙ୍ଗୋପସାଗର, ପାର୍ଶ୍ୱବର୍ତ୍ତୀ ଉତ୍ତର ଓଡ଼ିଶା ଓ ପଶ୍ଚିମବଙ୍ଗ ଉପକୂଳରେ ସକ୍ରିୟ ଘୂର୍ଣ୍ଣିବଳୟ ଆଜି ଲଘୁଚାପ ରୂପ ନେବାର ସମ୍ଭାବନା

ରହିଛି । ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବା ନେଇ ୧୫ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

*****